# Akashvani, Sambalpur

## SAMBALPURI NEWS BULLETIN

### 18 January 2025- 6.47- 6.52 am.

*****************************************

ସ୍ୱାମୀତ୍ୱ କାର୍ଡ୍        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ୧୦ ଟା ରାଜ୍ୟ ଆଉ ୨ ଟା କେନ୍ଦ୍ରଶାସିତ୍ ଅଂଚଲ୍‌ର ୫୦ ହଜାର୍ ଗାଁର୍ ୬୫ ଲାଖ୍ ଲୁକ୍‌କୁ ସ୍ୱାମୀତ୍ୱ କାର୍ଡ୍ ଦେବେ । ପ୍ରଧାନ୍‌ମନ୍ତ୍ରୀ ଆଘୋନୁ ଗାଁର୍ ଲୋକ୍‌ମାନ୍‌କର୍ ଅର୍ଥନୈତିକ୍ ବିକାଶ୍ ଲାଗି ସ୍ୱାମୀତ୍ୱ ଯୋଜ୍‌ନାର୍ ଶୁଭାରମ୍ଭ କରିଛନ୍ । ଇଥିର୍‌ଲାଗି ୩ ଲାଖ୍ ୧୭ ହଜାର୍ ଗାଁ ନ ଡ୍ରୋନ୍ ସର୍ଭେ କରାଯାଇଥିଲା । ଦେଶର୍ ୧ ଲାଖ୍ ୫୩ ହଜାର୍‌ଟା ଗାଁର୍ ଲୋକ୍‌ମାନ୍‌କୁ ଦେବାର୍‌କେ ୨ କୋଟି ୨୫ ଲାଖ୍ ସ୍ୱାମୀତ୍ୱ କାର୍ଡ୍ ବନାଯାଇଛେ ବଲି ସୂଚ୍‌ନା ମିଳିଛେ ।

ବଜେଟ୍ ୨୦୨୫-୨୬        ଏନ୍‌ଏସଡ଼ି

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏବା ୩୧ ତାରିଖ୍‌ନୁ ମୁଲ୍ ହେବା । ପହେଲା ଖେପ୍ ଅଧିବେଶନ୍ ଜାନୁଆରୀ ୩୧ ତାରିଖ୍‌ନୁ ମୁଲ୍ ହେଇକରି ଫେବୃଆରୀ ୧୩ ତାରିଖ୍‌ତକ୍ ଚାଲ୍‌ବା ଆର୍ ୨ ନମ୍ବର୍ ଖେପ୍ ଅଧିବେଶନ୍ ମାର୍ଚ୍ଚ ୧୦ ନୁ ଏପ୍ରିଲ୍ ୪ ତାରିଖ୍‌ତକ୍ ଚାଲ୍‌ବା ବଲି ଜନାପଡ଼ିଛେ । ଜାନୁଆରୀ ୩୧ ତାରିଖ୍ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭା ଆର୍ ଲୋକ୍‌ସଭାର୍ ମିଲିତ୍ ବୈଠକ୍‌କେ ସମ୍ବୋଧନ୍ କର୍‌ବେ । ଇତାର୍ ଉତ୍‌ରୁ ଅର୍ଥନୈତିକ୍ ସର୍ଭେ ରିପୋର୍ଟ ଉପସ୍ଥାପନ୍ ହେବା । ଫେବୃଆରୀ ୧ ତାରିଖ୍ ଦିନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ୨୦୨୫ -୨୬ ଆର୍ଥିକ୍ ବଛର୍‌ର ବଜେଟ୍ ଉପସ୍ଥାପନ୍ କର୍‌ବେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବା ୨୦ ତାରିଖ୍ ସୋମ୍‌ବାର୍ ଦିନ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟ ବିଚାର୍‌ପତି-ଅବସର ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଆଏବା କାଏଲ୍ ଅବସର୍ ନଉଛନ୍ । ଜଷ୍ଟିସ୍ ସିଂଙ୍କର୍ ଅବସର୍ ନେଲା ଉତ୍ରୁ ହାଇକୋର୍ଟର ବରିଷ୍ଠ ବିଚାର୍‌ପତି ଜଷ୍ଟିସ୍ ଅରିନ୍ଦମ୍ ସିହ୍ନାଙ୍କୁ କାର୍ଯ୍ୟକାରୀ ବିଚାର୍‌ପତି ଭାବେ ନିଯୁକ୍ତି ଦିଆଯାଇଛେ । ଗଲାକାଏଲ୍ ଇ ବାବ୍‌ଦେ କେନ୍ଦ୍ର ଆଇନ୍ ମନ୍ତ୍ରଣାଲୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଆଏବା ୨୦ ତାରିଖ୍‌ନୁ ଜଷ୍ଟିସ୍ ସିହ୍ନା ମୁଖ୍ୟ ବିଚାର୍‌ପତି ପଦ୍‌ଥି କାର୍ଯ୍ୟକର୍‌ବେ ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍- ପକ୍ଷୀ ଗନ୍‌ତି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ତର୍‌ଫୁ ଆଏଜ୍ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ପକ୍ଷୀ ଗନ୍‌ତି ହେବା । ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ତର୍‌ଫୁ ଇ ଗଣ୍‌ନା କରାଯିବା ବଲି ବନ୍ୟପ୍ରାଣୀ ଡିଭିଜନ୍ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍...

(ଭଏସ୍ ଓଭର୍- ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ଡିଏଫ୍‌ଓ)

ପୁସ୍ତକ୍ ମେଳା		ସମ୍ବଲପୁର୍ ସମ୍ବାଦଦାତା

ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ- ଏନ୍‌ବିଟି ଆର୍ ସେତୁ ଅନୁଷ୍ଠାନ୍ ତର୍‌ଫୁ ଆଏଜ୍ ସମ୍ବଲ୍‌ପୁରର୍ ପିଏଚ୍‌ଡ଼ି ପଡ଼ିଆ ଠାନେ ପୁସ୍ତକ୍ ମେଳା ମୁଲ୍ ହେବା । ୯ ଦିନିଆ ପୁସ୍ତକ ମେଳାକେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ପୁସ୍ତକ ମେଳା ସଖାଳର୍ ୧୧ ବଜେନୁ ରାତିର୍ ୯ ବଜେତକ୍ ଖୁଲା ରହେବା । ମେଳାଥି ୨ ଶହ ଟା ଷ୍ଟଲ୍ ରହେବା ଆର୍ ଫି’ ଦିନ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା ।

କୃଷି ଯନ୍ତ୍ରପାତି ମେଳା		ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା କୃଷି ବିଭାଗ୍ ତର୍‌ଫୁ ୫ ଦିନିଆ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆର୍ କୃଷି ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଦେବ୍‌ଗଡ଼୍ ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍ ଆର୍ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ସହେତେ ବିଭାଗ୍‌ର ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍

ଦେଇଥିଲେ । ପ୍ରଦର୍ଶନୀ ମେଳାଥି ପାଖାପାଖି ୫୦ ଟା ଷ୍ଟଲ୍ ଖୁଲାଯାଇଛେ ।

ଘୁମ୍‌ରା- ଉଦ୍‌ଯାପିତ୍                    ଆର୍‌ଏନ୍‌ୟୁ / ସମ୍ବଲପୁର

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ଜିଲ୍ଲାସ୍ତରୀୟ କଲାହାଣ୍ଡି ଉତ୍ସବ୍ ଘୁମ୍‌ରା-୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ବେଲ୍‌ବୁଡ଼େ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି କଲାହାଣ୍ଡିର୍ ସାହିତ୍ୟ ସଂସ୍କୃତି ଆର୍ ଐତିହ୍ୟ ବହୁତ୍ ସମୃଦ୍ଧ ଆଏ ବଲି କହିଥିଲେ ।

ହକି ଇଣ୍ଡିଆ ଲିଗ୍                ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗଥି ହାଇଦ୍ରାବାଦ୍ ତୋଫାନ୍ସ ଆର୍ ତାମିଲ୍‌ନାଡୁ ଡ୍ରାଗନ୍ସ ଭିତ୍‌ରେ ବେଲ୍‌ବୁଡ଼ର୍ ୬ ବଜେ ଆର୍ ଟିମ୍ ଗୋନାସିକା ଆର୍ ୟୁପି ରୁଦ୍ରାସ୍ ଭିତ୍‌ରେ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ହେବା । ଇ ଦୁହି ମେଚ୍ ରାଂଚି ଠାନେ ଖେଲାହେବା ।

ଗଲାକାଏଲ୍ ହେଇଥିବା ମହିଳା ବର୍ଗର୍ ମେଚ୍‌ଥି ଏସ୍.ଜି. ପାଇପର୍ସ-ସୁର୍‌ମା ହକି କ୍ଲବ୍‌କେ ୨-ଶୂନ୍ ଗୋଲ୍‌ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ସୁନ୍ଦର୍‌ଗଡ଼୍, କଲାହାଣ୍ଡି, କନ୍ଧମାଲ୍, କୋରାପୁଟ ନ ଘନାକୁହୁଡ଼ି ଦେଖାଯିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ରାଜ୍ୟର୍ ବାକି ଜିଲ୍ଲା ମାନ୍‌କେ ଭିଲ୍ କୁହୁଡ଼ି ହେବା । ଆଏବା ୪ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର କହିଛେ ।